# ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ନୀତି

TPNODL

# HEALTH AND SAFETY POLICY

ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ କାର୍ଯ୍ୟ ସମ୍ବନ୍ଧୀୟ ଆଘାତ ଏବଂ ଅସୁସ୍ଥତାକୁ ରୋକିବା ପାଇଁ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ଯୋଗାଇବା ପାଇଁ ପ୍ରତିବଦ୍ଧ। ସୁରକ୍ଷା ହେଉଛି ଆମର ମୂଳ ମୂଲ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ। ଆମେ ଓଡ଼ିଶାର ବିଦ୍ୟୁତ୍ ଏବଂ ବିତରଣ ବ୍ୟବସାୟରେ ସୁରକ୍ଷା ଉତ୍କର୍ଷରେ ଅଗ୍ରଣୀ ହେବାକୁ ଚେଷ୍ଟା କରୁଛୁ । ଏହି ଉଦ୍ଦେଶ୍ୟରେ, ଆମେ ନିମ୍ନଲିଖିତ ନୀତି ଅନୁସରଣ କରିବା ପାଇଁ ପ୍ରତିବଦ୍ଧ ।

- ବିପଦକୁ ଦୂର କରିବା ଏବଂ ସ୍ୱାସ୍ଥ୍ୟ ତଥା ସୁରକ୍ଷା ଜନିତ ବିପଦ ଆମ ସମସ୍ତ ଭାଗିଦାରଙ୍କ ପାଇଁ କମ୍ କରିବା ଉଦ୍ଦେଶ୍ୟରେ ଆମର ପରିଚାଳନା ବ୍ୟବସ୍ଥାକୁ ବଜାୟ ରଖିବୁ ତଥା କ୍ରମାଗତ ଭାବେ ସେଥିରେ ନିରନ୍ତର ଉନ୍ନତି କରିବୁ।
- ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ଚୟନ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ଏବଂ ପ୍ରମୁଖ ପଦବୀରେ ନିଯୁକ୍ତି ପାଇଁ ବ୍ୟବସାୟିକ ନିଷ୍ପତ୍ତିରେ ଉପଯୁକ୍ତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ମାନଦଣ୍ଡ ଅନ୍ତର୍ଭୁକ୍ତ କରିବୁ ।
- ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଜନିତ ପ୍ରଯୁଜ୍ୟ ସମସ୍ତ ଆଇନଗତ ଏବଂ ଅନ୍ୟାନ୍ୟ ଆବଶ୍ୟକତାକୁ ପାଳନ କରିବୁ।
- ପ୍ରତ୍ୟେକ କାର୍ଯ୍ୟକଳାପରେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରଣାଳୀ ତଥା ସର୍ବୋତ୍ତମ ଅଭ୍ୟାସକୁ ଏକାଠି କରିବା ସହିତ ପ୍ରତ୍ୟେକ ସ୍ତରରେ ସେଥିପାଇଁ ଦାୟିତ୍ୱ ନ୍ୟସ୍ତ କରିବୁ।
- ଏକ ସୁରକ୍ଷିତ ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ବଜାୟ ରଖିବାରେ ଆମର କର୍ମଚାରୀ ଏବଂ ବ୍ୟବସାୟ ସହଯୋଗୀମାନଙ୍କ ପରାମର୍ଶ ଏବଂ ଅଂଶ ଗ୍ରହଣ ମାଧ୍ୟମରେ ଜଡ଼ିତ କରିବୁ ।
- ଦୃଶ୍ୟମାନ ନେତୃତ୍ୱ ଏବଂ ସଶକ୍ତିକରଣ ଦ୍ୱାରା ସୁରକ୍ଷା ସଂସ୍କୃତି ଜାଗ୍ରତ କରିବୁ।
- ସୁରକ୍ଷିତ ଭାବରେ କାର୍ଯ୍ୟ କରିବା ପାଇଁ ଏବଂ ସକ୍ଷମ ହେବାକୁ ଆମର କର୍ମଚାରୀ ଓ ବ୍ୟବସାୟୀ ସହଯୋଗୀଙ୍କ ଆବଶ୍ୟକ ଦକ୍ଷତା ନିଶ୍ଚିତ କରିବୁ।
- ସବୁ ଘଟଣାଗୁଡ଼ିକୁ ତୁରନ୍ତୁ ରିପୋର୍ଟ କରିବା ସହିତ ତାକୁ ଅନୁସନ୍ଧାନ କରିବୁ। ଦୁର୍ଘଣାର ପୁନରାବୃତ୍ତିକୁ ରୋକିବା ପାଇଁ ମୂଳ କାରଣ ଗୁଡ଼ିକ ସମସ୍ତଙ୍କୁ ଜଣାଇବୁ ।
- ଆମର ବ୍ୟବସାୟ ସହଯୋଗୀମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ମାନ ବୃଦ୍ଧି କରିବାରେ ଏବଂ ଟାଟା ପାୱାରର ସ୍ୱାସ୍ଥ୍ୟ, ସୁରକ୍ଷାବିଧି ଏବଂ ଅଭ୍ୟାସ ସହିତ ସମାନ୍ତରାଳ ଭାବରେ ପ୍ରଭାବିତ କରିବୁ।
- ଉତ୍ତମ ସୁରକ୍ଷା ଏବଂ ସ୍ୱାସ୍ଥ୍ୟର ମାନଦଣ୍ଡ ନିର୍ଦ୍ଧାରିତ କରି, ଅଗ୍ରଗତି ସହିତ ସ୍ୱାସ୍ଥ୍ୟ ଓ ସୁରକ୍ଷା କାର୍ଯ୍ୟଦକ୍ଷତାକୁ କ୍ରମାଗତ ଭାବରେ ଉନ୍ନତ କରିବୁ।

ଏହି ନୀତି ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବା ପାଇଁ ଆମେ ସବୁବେଳେ ଉପଯୁକ୍ତ ଉତ୍ସଗୁଡ଼ିକର ଉପଲବ୍ଧତା ନିଶ୍ଚିତ କରିବୁ। ଉପଯୁକ୍ତ ଉପାୟରେ ସମସ୍ତ ଭାଗିଦାରୀଙ୍କୁ ଯୋଗାଯୋଗ କରିବୁ। କ୍ରମାଗତ ଭାବରେ ବ୍ୟବସାୟିକ ପରିବେଶରେ ଏହାର ପ୍ରାସଙ୍ଗିକତାକୁ ସମୀକ୍ଷା କରିବୁ।

(ଭାସ୍କର ସରକାର)
ମୁଖ୍ୟ ନିର୍ବାହୀ ଅଧିକାରୀ

ତାରିଖ : ୧ ଏପ୍ରିଲ, ୨୦୨୧

**TP Northern Odisha Distribution Limited is committed to provide safe and healthy working environment for the prevention of work related injuries and ill-health. Safety is one of our core values. We strive to be a leader in safety excellence in the power and distribution business in Odisha. In pursuit of this, we are committed to the following:**

- Maintain and continually improve our management systems to eliminate hazards and reduce health & safety risks to all our stakeholders.
- Incorporate appropriate health & safety criteria in to business decisions for selection of plant and technology, performance appraisal of individuals and appointments in key positions.
- Comply and endeavour to exceed all applicable health & safety legal and other requirements
- Integrate health & safety procedures and best practices into every operational activity with assigned line-functional responsibilities at all levels.
- Involve our employees and business associates in maintaining a safe and healthy work environment through consultation and participation
- Inculcate safety culture by visible leadership and empowerment.
- Ensure required competency to enable our employees and business associates for working safely.
- Promptly report incidents, investigate, share crucial learnings and prevent recurrences.
- Influence our business associates in enhancing their health and safety standards and align with Tata Power's health & safety codes and practices.
- Set safety & health metrics as indicators of excellence, monitor progress and continually improve health and safety performance.

We shall ensure the availability of appropriate resources at all times to fully implement and communicate this policy to all stakeholders by suitable means and periodically review its relevance in continuously changing business environment.

Date: 01st April, 2021

(Bhaskar Sarkar)
Chief Executive Officer

Lighting up Lives!

**TP NORTHERN ODISHA DISTRIBUTION LIMITED**
**(A Tata Power and Odisha Government Joint Venture)**